7:06 AM
??????? ????????...
m.samajaepaper.in

ସମାଜ

ନେତୃତ୍ୱରେ ମହାବିଦ୍ୟାଳୟର କରିଥିଲେ ।

# ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ତ୍ରିରଙ୍ଗା ଶୋଭାଯାତ୍ରା



ସାଲେପୁର, ୧୪।୮ (ନି.ପ୍ର): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି ଅଫିସର ଲେଫ୍‌ନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ ଓ ଲେଫ୍‌ନାଣ୍ଟ ସ୍ୱାତି ତନୟା ଆଚାରୀ ଏନ୍‌ଏସ୍‌ଏସ୍ ଯୁକ୍ତ ତିନି କାର୍ଯ୍ୟକ୍ରମ ଅଧିକାରୀ ଡ. ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ଡ.ହୃଷିକେଶ ମହାରଣା ଓ ୟୁଥ୍ ରେଡ୍‌କ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ କମଳା ଦାସ, ରୋଭର୍ସ ପରିଚାଳକ ଅଧ୍ୟାପକ ଅଶୋକ କୁମାର ନାୟକ, ରେଞ୍ଜର୍ସ ମୁଖ୍ୟ ଅଧ୍ୟାପିକା ସ୍ୱାତିମୁକ୍ତା ଷଡ଼ଙ୍ଗୀଙ୍କ ସହ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ବିଶାଳ ପଦଯାତ୍ରା ଆରମ୍ଭ କରିଥିଲେ । ଏହି ପଦଯାତ୍ରା ସାଲେପୁର କଲେଜ ପରିସରରୁ ଆରମ୍ଭ ହୋଇ ସାଲେପୁର ବଜାର ପରିକ୍ରମା କରିଥିଲା ।

The Samaja;CUTTACK Edition
Page No.29 August 15, 2025

7:04 AM
ସାଲେପୁର ସ୍ୱୟଂଶାସିତ ...
m.sambadepaper.com

ସମ୍ବାଦ

ସମ୍ବାଦ

# ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା



ସାଲେପୁର,୧୪/୮(ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ଅଫିସର ଲେଫ୍‌ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ ଓ ଲେଫ୍‌ଟନାଣ୍ଟ ସ୍ୱାତୀ ତନୟା ଆଚାରୀ, ଏନ୍‌ଏସ୍‌ଏସ୍ ଯୁକ୍ତତିନି କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ଯୁକ୍ତ ଦୁଇ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ହୃଷୀକେଶ ମହାରଣା, ୱାଇଆର୍‌ସି କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ କମଳା ଦାସ, ରୋଭର୍ସ ପରିଚାଳକ ଅଧ୍ୟାପକ ଅଶୋକ କୁମାର ନାୟକ, ରେଞ୍ଜର୍ସ ମୁଖ୍ୟ ଅଧ୍ୟାପିକା ସ୍ୱାତୀମୁକ୍ତା ଷଡ଼ଙ୍ଗୀ ସମେତ ବିଭିନ୍ନ ବିଭାଗର ଅଫିସର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ପଦଯାତ୍ରା କରାଯାଇଥିଲା। ଏହି ପଦଯାତ୍ରା ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ସାଲେପୁର ବଜାର ପରିକ୍ରମା କରି ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନଙ୍କୁ ଭାରତର ସ୍ୱାଧୀନତା ଦିବସ ଉତ୍ସବ ପାଳନ ନିମନ୍ତେ ଉତ୍ସାହିତ କରିଥିଲେ। ପରିକ୍ରମା ଶେଷରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ରୀନା ସ୍ୱାଇଁ, ବିରଜା ପ୍ରସନ୍ନ ଷଡଙ୍ଗୀ, ଜୟବନ୍ଧନ ଜେନା, ଲକ୍ଷ୍ମୀପ୍ରିୟା ଦାଶ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା, ଶେଖ ଅବ୍ରାର ଅହମ୍ମଦ, ମାନସ ରଞ୍ଜନ ପତି, କରୁଣାକର ମୁଦୁଲି, ପ୍ରିୟବ୍ରତ ମହାପାତ୍ର, ମୁଖ୍ୟ କିରାଣି ଯଯାତି ଲେଙ୍କା, ହିସାବରକ୍ଷକ ସ୍ୱାତୀ ସ୍ମରଣିକା ସାହୁ, କର୍ମଚାରୀ ସତ୍ୟନାରାୟଣ ପଟ୍ଟନାୟକ, ସଞ୍ଜୟ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

CUTTACK Edition
Page No.40 August 15, 2025